# NATIONAL NEWS BULLETIN (ODIA)

**18 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଏକ ସ୍ୱତନ୍ତ୍ର ଉତ୍ସବରେ ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

- ଆସନ୍ତାକାଲି ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- ପିଏମ୍ କିଷାନ ଯୋଜନାରେ ଆସନ୍ତାକାଲି ପ୍ରଦାନ କରାଯିବ ୨୧ ତମ କିସ୍ତି

- ବିହାରର ପାଟନାଠାରେ ଏନ୍‌ଡିଏ ବିଧାୟକ ଦଳ ବୈଠକରେ ଆସନ୍ତାକାଲି ହେବ ବିଧାୟକ ଦଳ ନେତା ନିର୍ବାଚନ

ଏବଂ

- ଗାଜାରେ ଶାନ୍ତି ପ୍ରତିଷ୍ଠା ନେଇ ଆମେରିକାର ପ୍ରସ୍ତାବକୁ ଜାତିସଂଘ ସୁରକ୍ଷା ପରିଷଦର ଅନୁମୋଦନ

## ଜଳଶକ୍ତି ଅଭିଯାନ- ପୁରସ୍କାର ରାଶି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର 'କ୍ୟାଚ୍ ଦି ରେନ୍' ଜଳଶକ୍ତି ଅଭିଯାନ ଅଧୀନରେ

ଜଳସଂଚୟ ଜନଭାଗିଦାରୀ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନକାରୀ ଅଂଶୀଦାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।  ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଜଳର ଆବଶ୍ୟକତାକୁ ଉପଲବ୍ଧି କରି ଏହାର ସଂରକ୍ଷଣ ଏବଂ ସୁବିନିଯୋଗର ଆବଶ୍ୟକତା ରହିଛି ।

**V/O (Prez-1)**

ଚଳିତମାସ ୭ ତାରିଖରୁ ଆରମ୍ଭ ହୋଇଥିବା ବନ୍ଦେ ମାତରମ୍ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମରଣ ଉତ୍ସବ ପାଳନ କରାଯାଉଛି । ଏଥିରେ ଜଳର ସୁବ୍ୟବହାର ସଂପର୍କରେ ମଧ୍ୟ କୁହାଯାଇଥିବା ରାଷ୍ଟ୍ରପତି କହିଛନ୍ତି ।

**V/O (Prez-2)**

ଉପଲବ୍ଧ ହେଉଥିବା ମିଧୁର ଜଳର ୧ ପ୍ରତିଶତ ବ୍ୟବହାର ହୋଇପାରୁଥିବା ବେଳେ ଉଭୟ ଜନସାଧାରଣ ଏବଂ ସରକାର ମିଳିତ ଭାବେ ଜଳସଂପଦର ସୁରକ୍ଷା କରିବାର ଆବଶ୍ୟକତା ଉପରେ ରାଷ୍ଟ୍ରପତି ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି ।

**V/O (Prez-3)**

ଚଳିତ ବର୍ଷ ଏହି ଅଭିଯାନରେ ମୋଟ୍ ୧୦୦ଟି ପୁରସ୍କାର  ପ୍ରଦାନ କରାଯାଇଛି । ଏଥିରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ତିନୋଟି ରାଜ୍ୟ, ୬୭ଟି ଜିଲ୍ଲା, ୬ଟି ପୌରନିଗମ, ଗୋଟିଏ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ୨ଟି ଅଂଶୀଦାର ମନ୍ତ୍ରଣାଳୟ, ଦୁଇଟି ଶିକ୍ଷାନୁଷ୍ଠାନ, ତିନୋଟି ଏନ୍‌ଜିଓ, ଦୁଇଜଣ ସମାଜସେବୀ ଏବଂ ୧୪ ଜଣ ନୋଡାଲ ଅଧିକାରୀ ସାମିଲ ଅଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା

ଭାବେ  ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯାଇଛି। ଅଭିଯାନରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଜିଲ୍ଲାଗୁଡ଼ିକୁ ପୁରସ୍କାର ବାବଦରେ ୨୫ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଛି ।

## ଅଶ୍ୱିନୀ - ଇ.ସି.ଏମ୍.ଏସ୍.

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଇଲେକ୍ଟ୍ରୋନିକ୍ସସ ଉପକରଣ ପ୍ରସ୍ତୁତି ଯୋଜନା - ଇ.ସି.ଏମ୍.ଏସ୍.ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି । ୭ ହଜାର କୋଟିରୁ ଅଧିକ ମୂଲ୍ୟର ୧୭ଟି ଆବେଦନ ପତ୍ରକୁ ଏହି ପର୍ଯ୍ୟାୟ ଅଧୀନରେ ଅନୁମୋଦନ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କମ୍ପାନୀଗୁଡ଼ିକର ପ୍ରତିନିଧିଙ୍କୁ ଅନୁମତି ପତ୍ର ପ୍ରଦାନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ୧୭ଟି ପ୍ରକଳ୍ପ ମାଧ୍ୟମରେ ୬୦ ହଜାର କୋଟି ଟଙ୍କାର ଉତ୍ପାଦ ସହିତ ୧୧ ହଜାରରୁ ଅଧିକ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହେବ ।

## ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଗସ୍ତରେ ଯିବେ । ଆନ୍ଧ୍ରପ୍ରଦେଶ ଗସ୍ତ ସମୟରେ ଶ୍ରୀ ମୋଦୀ ପୁଟପର୍ତ୍ତୀସ୍ଥିତ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାସମାଧି ପରିଦର୍ଶନ କରି ପୁଷ୍ପାର୍ଘ୍ୟ ପ୍ରଦାନ କରିବେ । ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ସହ ସ୍ମାରକୀ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି । ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଜୀବନାଦର୍ଶ, ଶିକ୍ଷାକୁ ସ୍ମରଣ

ସ୍ୱରୂପ ଏହି ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରାଯିବ । ସେଠାରେ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ପରେ ପ୍ରଧାନମନ୍ତ୍ରୀ ତାମିଲନାଡୁର କୋଏମ୍ବାଟୁର ଗସ୍ତ କରି ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ "୨୧ତମ ପିଏମ୍ କିଷାନ" ଯୋଜନାର କିସ୍ତି ପ୍ରଦାନ କରିବେ । ଏଥିରେ ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ । ଶ୍ରୀ ମୋଦୀ ସେଠାରେ ମଧ୍ୟ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀରହିଛି ।

ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀ ତାମିଲନାଡୁ ପ୍ରାକୃତିକ କୃଷି ଫୋରମ୍ ପକ୍ଷରୁ ସମାବେଶୀ କୃଷିର ବିକାଶ ନିମନ୍ତେ ବିଭିନ୍ନ ଉପାୟକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜନ କରାଯାଇଛି । ଯେଉଁଥିରେ ପରିବେଶ ଅନୁକୂଳ, ରସାୟନମୁକ୍ତ କୃଷି ପ୍ରଣାଳୀ ଉପରେ ଆଲୋଚନା କରାଯିବ । ଏହି ୩ ଦିନିଆ ସମ୍ମିଳନୀରେ କୃଷକମାନେ ଯେଭଳି ଅର୍ଥନୈତିକ ଭାବରେ ଲାଭ ଦେଇଥିବା ପ୍ରାକୃତିକ କୃଷି ପ୍ରତି ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରିବେ ଓ ଦେଶର ଅର୍ଥନୀତିରେ ଯୋଗଦାନ କରିବେ, ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ହେବ ବୋଲି ଜଣାପଡ଼ିଛି ।

---

## ବିହାର-ଗଭ୍ ଫରମେସନ୍

ବିହାର ପାଟନା ଠାରେ ଆସନ୍ତାକାଲି ନବନିର୍ବାଚିତ ଏନ୍.ଡି.ଏ. ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ କରାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ବିଜେପି ଏବଂ ଜେ.ଡି.ୟୁ. ବିଧାୟକ ଦଳ

ବୈଠକ ମଧ୍ୟ ଆସନ୍ତାକାଲି ପାଟନା ଠାରେ ଅନୁଷ୍ଠିତ ହେବ । ଏନ୍.ଡି.ଏ.ର ସହଯୋଗୀ ଦଳ ଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ ପରେ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହୋଇ ନେତା ଚୟନ କରାଯିବ ।

ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ସମାରୋହ ଆସନ୍ତା ଗୁରୁବାର ପାଟନାର ଗାନ୍ଧି ମଇଦାନ ଠାରେ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏନ୍.ଡି.ଏ.ର ବରିଷ୍ଠ ନେତା ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଯୋଗଦେବେ ।

ଅନ୍ୟ ପକ୍ଷରେ ଗତକାଲି ପାଟନା ଠାରେ ରାଷ୍ଟ୍ରୀୟ ଜନତା ଦଳର ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହୋଇ ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ନେତା ଭାବେ ମନୋନୀତ କରାଯାଇଛି ।

## ୟୁଏନ୍ଏସ୍ସି-ଗାଜା

ଜାତିସଂଘ ସୁରକ୍ଷା ପରିଷଦ ଗାଜାରେ ଶାନ୍ତି ପ୍ରତିଷ୍ଠା ନେଇ ଆମେରିକା ପ୍ରସ୍ତାବକୁ ଅନୁମୋଦନ କରିଛି । ପରିଷଦର ଗତକାଲି ଅନୁଷ୍ଠିତ ବୈଠକରେ ଆମେରିକା ପକ୍ଷରୁ ଗାଜାର କ୍ଷତିଗ୍ରସ୍ତ ଅଞ୍ଚଳରେ ସୁରକ୍ଷା ଯୋଗାଇବା ଲକ୍ଷ୍ୟ ନେଇ ଆନ୍ତର୍ଜାତିକ ଶାନ୍ତି ବାହିନୀ ଏବଂ ଏକ ସ୍ୱାଧୀନ ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ସଂକ୍ରାନ୍ତ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ରୁଷ ଏବଂ ଚୀନ ପ୍ରସ୍ତାବର ଭୋଟିଂରୁ ବିରତ ରହିଥିଲେ ।

ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଗତ ଦୁଇ ବର୍ଷର ଯୁଦ୍ଧ ପରିସମାପ୍ତି ଏବଂ ଗାଜାର ଭବିଷ୍ୟତକୁ ଗଢ଼ିତୋଳିବା ପାଇଁ ଆମେରିକାର ଏହି ପ୍ରସ୍ତାବ ଉପରେ ମତ ନିଆଯାଇଥିଲା । ଆନ୍ତର୍ଜାତିକ ଶାନ୍ତି ବାହିନୀରେ ସୈନ୍ୟ ଯୋଗାଇଦେବା ଲାଗି ଆରବ ଏବଂ ଅନ୍ୟାନ୍ୟ ମୁସଲିମ୍ ରାଷ୍ଟ୍ର ଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି । ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ଓ୍ୱାଲ୍ଟଜ୍ ଏହି ପ୍ରସ୍ତାବକୁ ଐତିହାସିକ ଏବଂ ଗଠନ ମୂଳକ ବୋଲି ବର୍ଣ୍ଣନା କରିବା ସହ ମଧ୍ୟ ପ୍ରାଚ୍ୟରେ ଏହା ନୂତନ ଦିଗ ଉନ୍ମୁକ୍ତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

---

## ପ୍ରେଜ୍-ଫାଇନାନ୍ସ କମିଶନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗତକାଲି ନୂଆଦିଲ୍ଲୀରେ ଡକ୍ଟର ଅରବିନ୍ଦ ପାନ୍‌ଗାରିଆଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ୍‌ର ସଦସ୍ୟ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଗାମୀ ୨୦୨୬-୩୧ ବର୍ଷ ପାଇଁ ଅର୍ଥ କମିଶନ୍ ତାଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି ।

ସମ୍ବିଧାନର ଧାରା ୨୮୦ ଉପ-ଧାରା ୧ ଅନୁଯାୟୀ ରାଷ୍ଟ୍ରପତି ଷୋଡ଼ଶ ଅର୍ଥ କମିଶନ୍ ଗଠନ କରିଥିଲେ । ଅର୍ଥ ମନ୍ତ୍ରଣାଳୟ କହିଛି, କମିଶନ୍ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ବିସ୍ତୃତ ଭାବେ ବିଶ୍ଳେଷଣ କରିବା ସହିତ ବିଭିନ୍ନ ସ୍ତରରେ ବିଶେଷଜ୍ଞଙ୍କ ସହିତ ପରାମର୍ଶ ଆଧାରରେ ଏହାର ରିପୋର୍ଟ ପ୍ରସ୍ତୁତ କରିଛି । ସମ୍ବିଧାନର ଧାରା ୨୮୧ ଅନୁଯାୟୀ ଏହି ରିପୋର୍ଟ୍ ସଂସଦରେ ଉପସ୍ଥାପନ ହେବା ପରେ ସାର୍ବଜନୀନ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି ।

---

# ଇସି-ଏସ୍‌ଆଇଆର୍

ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଇତିମଧ୍ୟରେ ୫୦ କୋଟିରୁ ଅଧିକ ଭୋଟରଙ୍କୁ ଗଣନା ଫର୍ମ ପ୍ରଦାନ କରାଯାଇଛି । ନିର୍ବାଚନ ଆୟୋଗ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ପର୍ଯ୍ୟାୟରେ ସାମିଲ ହେବାକୁ ଥିବା ୫୧ କୋଟି ଭୋଟରଙ୍କ ମଧ୍ୟରୁ ୯୮ ପ୍ରତିଶତଙ୍କୁ ଗଣନା ଫର୍ମ ବଣ୍ଟନ କରାଯାଇସାରିଛି । ଉତ୍ତରପ୍ରଦେଶରେ ସର୍ବାଧିକ ୧୫ କୋଟି ୨୭ ଲକ୍ଷରୁ ଅଧିକ ଫର୍ମ ପ୍ରଦାନ କରାଯାଇଛି । ପଶ୍ଚିମବଙ୍ଗରେ ୭ କୋଟି ୬୩ ଲକ୍ଷ ଭୋଟରଙ୍କୁ ଗଣନା ଫର୍ମ ଦିଆଯାଇଥିବା ଆୟୋଗ କହିଛନ୍ତି । ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ଗଣନା ପ୍ରକ୍ରିୟା ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଗ କହିଛନ୍ତି ।